# Akashvani, Sambalpur

## SAMBALPURI NEWS BULLETIN

### 1 July 2024- 6.47- 6.52 am.

*********************************************

୩ ନୂଆଁ ଆଇନ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଆଇନ୍ ବ୍ୟବସ୍ଥାଥି ଆଏଜ୍‌ଠାନୁ ନୂଆଁ ୩ ଟା ଆଇନ୍ କାର୍ଯ୍ୟକାରୀ ହେବା । ୧୮୬୦ ମସିହାର୍ ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଲ୍ କୋଡ୍ ଆଇପିସି ବଦ୍‌ଲା ଭାରତୀୟ ନ୍ୟାୟ ସଂହିତା -୨୦୨୩, ଭାରତୀୟ ଫୌଜଦାରୀ ଆଇନ୍ ସିଆର୍‌ପିସି ୧୯୭୩ ବଦ୍‌ଲା ଭାରତୀୟ ନାଗରିକ୍ ସୁରକ୍ଷା ସଂହିତା ୨୦୨୩ ଆଉ ୧୮୭୨ ମସିହାର୍ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ବଦ୍‌ଲା ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ୨୦୨୩ କାର୍ଯ୍ୟକାରୀ ହେବା । ଇ ତିନ୍‌ହି ନୂଆଁ ଆଇନ୍ ପୁଲିସ୍ ଆର୍ ତଦନ୍ତ ବ୍ୟବସ୍ଥାକେ ଆଧୁନିକ୍ ଯୁଗକେ ଆନ୍‌ବା ବଲି ଆଇନ୍ ବିଶେଷଜ୍ଞମାନେ କହିଛନ୍ ।

ସମାଜ୍‌ଥି ଗରିବ୍, ଅବହେଳିତ୍ ଆଉ ସମ୍ବେଦନ୍‌ଶୀଲ୍ ବର୍ଗକେ ଅଏତ୍‌କା ସୁରକ୍ଷା ଦେବାର୍ ସହେତେ ନାଗରିକ୍‌ମାନ୍‌କର୍

ଅଧିକାର୍, ଦକ୍ଷ ନ୍ୟାୟିକ ଶାସନ୍ ଆର୍ ନ୍ୟାୟ ପ୍ରଣାଲୀକେ ତ୍ୱରିତ୍ କର୍‌ବାର୍ ଲାଗି ଇ ନୂଆଁ ଆଇନ୍‌ଥି ବ୍ୟବସ୍ଥା ରହିଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍/ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍‌ସଭା ନିର୍ବାଚନ୍‌ଥି ସମ୍ବିଧାନ୍ ଆର୍ ଦେଶର୍ ଗଣତାନ୍ତ୍ରିକ୍ ପ୍ରଣାଲୀ ଉପ୍‌ରେ ନିଜର୍ ବିଶ୍ୱାସ୍ ଦୁହ୍ରେଇଥିବାର୍‌ନୁ ଦେଶ୍‌ବାସୀଙ୍କୁ କୃତଜ୍ଞତା ଜନେଇଛନ୍ । ୨୦୨୪ ସାଧାରଣ୍ ନିର୍ବାଚନ୍ ବିଶ୍ୱର୍ ସବୁନୁ ବଡ଼୍ ନିର୍ବାଚନ୍ ଥିଲା । ହେଥି ୬୫ କୋଟି ଲୋକ୍ ମତଦାନ୍ କରିଥିଲେ ବଲି ସେ ଗଲାକାଏଲ୍ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି କହିଛନ୍ ।

ଆକାଶ୍‌ବାଣୀର୍ ସଂସ୍କୃତ ଭାଷାଥି ସମ୍ବାଦ ପ୍ରସାରଣ୍ ଆଏଜ୍ ୫୦ ବଛର୍ ପୂର୍ତି କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆକାଶ୍‌ବାଣୀ ପରିବାର୍‌କେ ଶୁଭେଚ୍ଛା ଜନେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଆଉ ହପ୍ତେ ଉତ୍‌ରୁ ପୁରୀ ନ ଜଗନ୍ନାଥ ମାହାପୁରୁଙ୍କର୍ ରଥ୍‌ଯାତ୍ରା ହେବାର୍‌କେ ଯାଉଛେ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ କୃପା ଦେଶ୍‌ବାସୀଙ୍କର୍ ଉପ୍‌ରେ ରହିଥାଉ ବଲି ପ୍ରଧାନ୍‌ମନ୍ତ୍ରୀ ଆଶ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ପ୍ରକୋଷ୍ଠ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍‌ଠାନୁ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ୍ ପ୍ରକୋଷ୍ଠ ଖୁଲ୍‌ବା । ଲୁକେ ଭୁବ୍‌ନେଶ୍ୱର୍‌ର ୟୁନିଟ୍-୫ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠକେ ଆସିକରି ଅଭିଯୋଗ୍ ପଞ୍ଜିକରଣ୍ କରାବାର୍‌କେ ୧୦ ଟା କାଉଂଟର୍ ଖୁଲାଯାଇଛେ । ୱେବ୍‌ସାଇଟ୍, ପୋର୍ଟାଲ୍, ଚିଠି ଆର୍ ଇ-ମେଲ୍ ଜରିଏ ଭିଲ୍ ନାଁ ପଞ୍ଜିକରଣ୍ କରିହେବା । ସଖାଲର୍ ୯ ବଜେନୁ ଦିନର୍ ୧୨ ବଜେତକ୍ ଅଭିଯୋଗ୍ ପ୍ରକୋଷ୍ଠ ନ ନାଁ ପଞ୍ଜିକରଣ୍ କରାଯାଇପାର୍‌ବା । ହେନ୍ତା www.janasunani.odisha.gov.in ୱେବ୍‌ସାଇଟ୍ ଆଉ ମୋବାଇଲ୍ ନମ୍ବର୍ ୬୩୭୦-୯୫-୧୯୩୦ ଥି ୱାଟସ୍‌ଅପ୍ କରିକରି ଭିଲ୍ ନାଁ ପଞ୍ଜିକରଣ୍ କରାଯାଇପାର୍‌ବା ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ଇତାର୍ ଉତ୍‌ରୁ ନିଜର୍ ପାଲି ଅନ୍‌ସାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟାଯାଇପାର୍‌ବା । ଦିନର୍ ୧୧ ବଜେନୁ ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ମୁଲ୍ କର୍‌ବେ । ଫି' ସୋମ୍‌ବାର୍ ଦିନ୍ ଇ ଅଭିଯୋଗ୍ ଶୁଣାଣି କରାଯିବା । ଇ ଅଭିଯୋଗ୍ ପ୍ରକୋଷ୍ଠ ନ ସବୁ ବିଭାଗ୍‌ର ମନ୍ତ୍ରୀମାନେ ଉପସ୍ଥିତ୍ ରହେବେ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ରଥଯାତ୍ରା ଚୂଡ଼ାନ୍ତ ସମନ୍ୱୟ ବୈଠକ୍ ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ରଥଯାତ୍ରାର୍ ଚୂଡ଼ାନ୍ତ ସମନ୍ୱୟ ବୈଠକ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ପୁରୀ ଟାଉନ୍‌ହଲ୍ ଠାନେ ହେବା । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ରାଜ୍ୟମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଆଉ ସଚିବ ମାନ୍‌କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେବେ । ପୁରୀ ସହରର୍ ରାସ୍ତା, ସଫେଇ, ସୁରକ୍ଷା ବ୍ୟବସ୍ଥା ବାବ୍‌ଦେ ମୁଖ୍ୟମନ୍ତ୍ରୀ ସମୀକ୍ଷା କର୍‌ବେ ବଲି ଜନାପଡ଼ିଛେ ।

ମୁଖ୍ୟ ଶାସନ୍ ସଚିବ- ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ

ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ପଦଥି ଥିବାର୍ ନିକୁଞ୍ଜ ବିହାରୀ ଧଳଙ୍କୁ ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଭାବେ ନିଯୁକ୍ତ କରାଯାଇଛେ । ୧୯୯୩ ବେଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ଧଳ ଇହାଦେ ଗୃହ ବିଭାଗ୍‌ର ଏକ୍ସ ଅଫିସିଓ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ (ନିର୍ବାଚନ) ଦାୟିତ୍ୱଥି ଭିଲ୍ ଅଛନ୍ ।

ଜାତୀୟ ଡାକ୍ତର୍ ଦିବସ୍          ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ଡାକ୍ତର୍ ଦିବସ୍ । ସମାଜ୍ଥି ଡାକ୍ତର୍ ମାନ୍କର୍ ଉଚ୍ଚା ଦର୍ଜା ସମ୍ମାନ୍ ସହେତେ ତାଁକର୍ ଗୁଟେ ଦୁସ୍ରା ପହେଚାନ୍ ରହିଛେ । ଡାକ୍ତର୍ମାନ୍କର୍ ସମାଜ୍ର ଲୁକ୍କର୍ ଲାଗି ସେବା ଆର୍ ତ୍ୟାଗ୍କେ ସମ୍ମାନ୍ ଜନେଇକରି ୧୯୯୧ ମସିହା ଜୁଲାଇ ୧ ତାରିଖ୍ନୁ ପଶ୍ଚିମବଙ୍ଗର୍ ନାଁକରା ଡାକ୍ତର୍ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଧାନ୍ ଚନ୍ଦ୍ର ରୟଙ୍କର୍ ଜନମ୍ ଦିନ୍କେ ଜାତୀୟ ଡାକ୍ତରୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ରୋଗୀ ସେବା କ୍ଷେତ୍ର ନ ସେବା କାମ୍ ଲାଗି ଡାକ୍ତର୍ମାନ୍କୁ ଅଏତ୍କା ପ୍ରତିଷ୍ଠା ଦେଇଛେ । ଇ ବଛ୍ରର୍ ଡାକ୍ତରୀ ଦିବସ୍ର ବାର୍ତା ହେଉଛେ 'ଆରୋଗ୍ୟକାରୀ ହାତ-ଯତ୍ନଶୀଳ ହୃଦୟ' ।

ନୂଆଁ ସେନାମୁଖ୍ୟ          ଆର୍ଏନ୍ୟୁ / ସମ୍ବଲପୁର

ଭାରତ୍ର ୩୦ ନମ୍ବର୍ ସ୍ଥଳସେନାମୁଖ୍ୟ ଭାବେ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଗଲାକାଏଲ୍ ଦାୟିତ୍ୱ ଗ୍ରହଣ୍ କରିଛନ୍ । ସେ ଅବସର୍ ନେଇଥିବାର୍ ସେନାମୁଖ୍ୟ ଜେନେରାଲ୍ ମନୋଜ୍

ପାଣ୍ଡେଙ୍କର୍‌ଠାନୁ ଦାୟିତ୍ୱ ନେଇଛନ୍ । ଜମ୍ମୁ-କାଶ୍ମୀର୍ ରାଇଫଲ୍ସ୍‌ନୁ ଆସିଥିବାର୍ ଜେନେରାଲ୍ ଦ୍ୱିବେଦୀ ଗଲା ଏପ୍ରିଲ୍ ମାସୁ ସେନାର ଉପମୁଖ୍ୟ ପଦ୍‌ବୀଥି ଥିଲେ । ଭିନ୍ ଭିନ୍ ଇଲାକା ନ ରଣନୈତିକ୍ କୌଶଲ୍ ଆର୍ ପରିଚାଲନା ବାବ୍‌ଦେ ଅଭିଜ୍ଞତା ତାଙ୍କର୍ ନ ରହିଛେ ବଲି ଭାରତୀୟ ସେନା ତର୍‌ଫୁ କୁହାଯାଇଛେ ।

ଆଇଆଇଏମ୍ ଏକଜିକ୍ୟୁଟିଭ୍ ଏମ୍‌ବିଏ    ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ପ୍ରବନ୍ଧନ୍ ସଂସ୍ଥାନ୍- ଆଇଆଇଏମ୍, ସମ୍ବଲ୍‌ପୁର୍ ନ ୪ ନମ୍ବର୍ ବେଚ୍ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପାଠ୍ୟକ୍ରମ୍‌ଥି ଗଲାକାଏଲ୍‌ନୁ ପାଠ୍‌ପଢ଼ା ମୁଲ୍ ହେଇଛେ । ଇଥି ଭିନ୍ ଭିନ୍ ଶିକ୍ଷ ଆର୍ ବ୍ୟବସାୟ କ୍ଷେତ୍ର ନ ଅଭିଜ୍ଞତା ହାସଲ୍ କରିଥିବା ୪୧ ଝନ୍ କର୍ମଜୀବୀ ନାଁ ଲେଖେଇଛନ୍ । ଇମାନ୍‌କର୍ ଭିତ୍‌ରେ ସିଙ୍ଗାପୁର୍ ଆର୍ ଦୁବାଇ ନ ରହୁଥିବାର୍ ପ୍ରବାସୀ ଭାରତୀୟ ମାନେ ଭିଲ୍ ରହିଥିବାର୍ ଜନାପଡ଼ିଛେ ।

ଏମ୍‌ସିଏଲ୍ - ରେକର୍ଡ଼        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରାୟତ ମହାନଦୀ କୋଇଲା କମ୍ପାନୀ- ଏମ୍‌ସିଏଲ୍ ଚଲ୍‌ତି ଆର୍ଥିକ୍ ବଛ୍‌ରେ ୫୦ ମିଲିୟନ୍ ଟନ୍ କୁଇଲା ଯୁଗେଇକରି ନୂଆଁ ରେକର୍ଡ଼୍ କରିଛେ । ଇକ୍ଷେତ୍ର ନ କମ୍ପାନୀ ୭ ଦଶ୍‌ମିକ୍ ୭ ପ୍ରତିଶତ୍ ଅଭିବୃଦ୍ଧି ହାସଲ୍ କରିଛେ । ସେନ୍ତା ବିଦ୍ୟୁତ୍ ଉତ୍ପାଦନ୍ କ୍ଷେତ୍ରକେ କମ୍ପାନୀ ଗଲା ବଛ୍‌ରର୍ ଧାରିଜ୍ ସମିଆନୁ ୭ ଦଶ୍‌ମିକ୍ ୫ ପ୍ରତିଶତ୍ ଅଏତ୍‌କା କୁଇଲା ଯୁଗାବାର୍‌ଥି ସକ୍ଷମ୍ ହେଇଛେ ।

ଦିବ୍ୟାଙ୍ଗ ସମିତି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଦିବ୍ୟାଙ୍ଗ ସମିତିର୍ ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ସମିତିର୍ ନିଷ୍ପତି ଅନ୍‌ସାରେ ଫି ମାସର୍ ପହେଲା ମଙ୍ଗଲ୍‌ବାର୍ ନୂଆପଡ଼ା ସଦର୍ ସ୍ୱାସ୍ଥ୍ୟକେନ୍ଦ୍ର ଆର୍ ୨ ନମ୍ବର୍ ମଙ୍ଗଲ୍‌ବାର୍ ଦିନ ଖଡ଼ିଆଲ୍ କଲ୍ୟାଣ୍ ମଣ୍ଡପ୍ ଠାନେ ବୈଠକ୍ କରାଯାଇକରି ଦିବ୍ୟାଙ୍ଗ ହିତାଧିକାରୀମାନ୍‌କୁ ପ୍ରମାଣ୍‌ପତ୍ର ଦିଆଯିବା ।

ପାଣିପାଗ- ବର୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୨ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଟିକେରଂଚେନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ଆଏବା ବୁଧବାର୍‌ନୁ ମୌସୁମୀ ବର୍‌କସ୍ ହେବାର୍ ସହେତେ ଜବର୍ ବର୍ଷା ହେବା ବଲି ଜନାପଡ଼ିଛେ । ଗଲାକାଏଲ୍ ନବରଙ୍ଗ୍‌ପୁର୍ ନ ସବୁଠାନୁ ଜହ ୪୭ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଥିଲା ।